ପାଠ 18
पाठ

ଗଣ-ମାଧ୍ୟମର ଭୂମିକା
गण-माध्यमर भूमिका

ସୁରେଶ : ନମସ୍କାର ମହତାବ ବାବୁ । ଭିତରକୁ ଆସନ୍ତୁ । ବସନ୍ତୁ ।

ମହତାବ : ନମସ୍କାର । କ୍ଷମା କରିବେ, ଟିକେ ଡ଼େରି ହୋଇଗଲା ।

ସୁରେଶ : ଆପଣ କ'ଣ ମୋତେ କ୍ଷମା ମାଗୁଛନ୍ତି ? ଆମ ଅଫିସ୍‌ବାଲାଟ ଆପଣଙ୍କ ପାଇଁ ଗାଡ଼ି ପଠେଇଥା'ନ୍ତେ ।

ମହତାବ : ଏହାର ଦରକାର ନାହିଁ । ମୋର ଘର ଏଇ ପାଖରେ । ମୁଁ ଖାଇକରି ଟିକେ ଶୋଇପଡ଼ିଲି । ଉଠିକରି ଦେଖିଲାବେଳକୁ ୪ଟା ବାଜିବାକୁ ଥିଲା । ସାଙ୍ଗେ ସାଙ୍ଗେ ପ୍ରସ୍ତୁତ ହୋଇ ଦଶ ମିନିଟ୍‌ରେ ମୁଁ ଏଠାରେ ପହଁଚିଲି ।

ସୁରେଶ : ହଉ, ବସନ୍ତୁ । ଆପଣଙ୍କୁ ମୋର ଡାକିବାର ଉଦ୍ଦେଶ୍ୟ ଜାଣିଛନ୍ତି ନା ?

ମହତାବ : ଆରେ ମୁଁ କେମିତି ଜାଣିଲି?

जन-संचार माध्यम की भूमिका

सुरेश : नमस्कार महताब बाबु। अंदर आइए, बैठिए।

महताब : नमस्कार। क्षमा कीजिए। थोड़ी सी देरी हो गई।

सुरेश : आप मुझ से क्यों क्षमा माँगते हैं? हमारे आफ़िसवाले तो आप केलिए कार भेजनेवाले थे।

महताब : उस की जरूरत नहीं। मेरा घर पास में तो है। मैं खाना खाकर ज़रा सो गया था। उठा और देखा तो चार बजनेवाला था। तुरंत तैयार होकर चलते चलते दस मिनिट में यहाँ पहुँचा।

सुरेश : अच्छा, बैठिए। आप जानते हैं कि मैं ने आपको किस उद्देश्य से बुलाया?

महताब : अरे मुझे कैसे मालूम ? आपने मुझे बुलाया, इसीलिए तो मैं आया।

सुरेश : क्या आप ने हमारी चिट्ठी नहीं पढी? बडे बडे लोगों का साक्षात्कार (इन्टर्व्यू) लेना पत्रकारों का काम

ଆପଣ ଡାକିଥିଲେ ବୋଲିତ ମୁଁ ଆସିଛି ।

ସୁରେଶ : କ'ଣ ଆପଣ ଆମର ଚିଠି ପଢ଼ି ନାହାନ୍ତି । ବଡ଼ବଡ଼ ଲୋକଙ୍କର ସାକ୍ଷାତକାର ନେବା ସାମ୍ବାଦିକ ମାନଙ୍କର ମୁଖ୍ୟ କାମ । ଆଜି ମୁଁ ଆପଣଙ୍କ ସାକ୍ଷାତକାର ନେବି ବୋଲି ଭାବିଛି ।

ମହତାବ : ଆରେ, ମୁଁ ତ ରାଜନୈତିକ ନେତା ନୁହେଁ, କି କବି, କଳାକାର ମଧ୍ୟ ନୁହେଁ । ମୁଁ ତୁମପରି ଜଣେ ସାମ୍ବାଦିକ । ଦେଖାଶୁଣା କଥାକୁ ପରିବେଷଣ କରିବା ଆମର କାମ । ମୋଠୁଁ କାହିଁକି ସାକ୍ଷାତକାର ନେବାକୁ ଚାହୁଁଛ?

ସୁରେଶ : ସମ୍ବାଦ ପତ୍ର, ଦୂରଦର୍ଶନ, ଓ ଆକାଶବାଣୀ ପରି ଗଣ-ମାଧ୍ୟମର ସ୍ୱାଧୀନତା ବିଷୟରେ ଆପଣଙ୍କ ମତାମତ କ'ଣ ?

ମହତାବ : ଗଣ-ମାଧ୍ୟମ ଗୁଡ଼ିକର ସ୍ୱାଧୀନତା ନିହାତି ଆବଶ୍ୟକ । ସ୍ୱତନ୍ତ୍ରତା ବିନା ନିରପେକ୍ଷ ମତାମତ ପ୍ରକାଶ କରିବା ବହୁତ କଷ୍ଟକର ।

ସୁରେଶ : ସରକାରୀ ନିୟନ୍ତ୍ରଣ ରହିଲେ

है। आज मैंने आपका साक्षात्कार लेने की सोची है।

महताब : अरे, न तो मैं राजनीतिक नेता हूँ न कवि या कलाकार। मैं भी तुम्हारे जैसे एक पत्रकार हूँ। देखी सुनी बातों को प्रसारित करना हमारा काम है। मुझ से क्यों साक्षात्कार लेना चाहते हो?

सुरेश : समाचार-पत्र, दूरदर्शन और आकाशवाणी जैसे जन-संचार माध्यमों की स्वतंत्रता के बारे में आपकी क्या राय है?

महताब : (सब) जन-संचार माध्यमों की स्वतंत्रता नितांत आवश्यक है। बिना स्वतंत्रता के निष्पक्ष राय व्यक्त करना बहुत कठिन है।

सुरेश : सरकारी नियंत्रण रहने में क्या खराबी है?

महताब : क्या नियंत्रित जन-संचार माध्यम निष्पक्ष राय व्यक्त कर सकेंगे? नियंत्रण होने पर ऊपर से हस्तक्षेप और भय, (ये) दोनों अवश्य रहेंगे।

ଖରାପ କ'ଣ ?

ମହତାବ : ନିଯୁନ୍ତ୍ରୀତ ଗଣ-ମାଧ୍ୟମ କ'ଣ ନିରପେକ୍ଷ ମତାମତ ପ୍ରକାଶ କରିପାରିବ? ନିଯୁନ୍ତ୍ରଣ ରହିଲେ ଉପରୁ ହସ୍ତକ୍ଷେପ ଓ ଭଯ୍ ଏ ଉଭଯ୍ ନିଶ୍ଚଯ୍ ରହିବ ।

ସୁରେଶ : ଆଚ୍ଛା, ଆପଣ କ'ଣ ସ୍ୱୀକାର କରିବେ କି ଗଣ-ମାଧ୍ୟମ ବେଳେ ବେଳେ ବିଭ୍ରାନ୍ତିକର ଓ ପକ୍ଷପାତପୂର୍ଣ୍ଣ ସମ୍ବାଦ ପରିବେଷଣ କରୁଛି । ଏହାର କାରଣ କ'ଣ?

ମହତାବ : ଏହାକୁ ଏକପ୍ରକାର 'କାମଳ ସାମ୍ବାଦିକତା' କହିପାରିବା। କେତେକ ସାମ୍ବାଦିକ ସ୍ୱାର୍ଥ ଓ ନାମକମେଇବା ଉଦ୍ଦେଶ୍ୟରେ ଏଭଳି ସମ୍ବାଦ ପରିବେଷଣ କରୁଛନ୍ତି ।

ସୁରେଶ : ବାସ୍ତବିକ, ଉଦ୍ଦେଶ୍ୟମୂଳକ ସମ୍ବାଦ ପରିବେଷଣ କରିବା ନିନ୍ଦ ୀଯ୍ ଅଟେ । ଆଚ୍ଛା, ଆଜି ଆମ ସମାଜର ଅଧୋଃପତନ ହେଉଛି । ଗଣ-ମାଧ୍ୟମ କ'ଣ ତାକୁ ସୁଧାରି ପାରିବ ନାହିଁ ?

ମହତାବ : ନିଶ୍ଚଯ୍, ନିଶ୍ଚଯ୍ । ସମାଜକୁ

सुरेश : अच्छा, क्या आप स्वीकार करते हैं कि जन-संचार माध्यम कभी-कभी भ्रांति पूर्ण तथा पक्षपात युक्त समाचार ही दे रहे हैं। इसकी क्या कारण है?

महताब : इसे एक प्रकार की 'पांडुर (पीली) पत्रकारिता' कह सकते हैं। कई पत्रकार स्वार्थ तथा नाम कमाने की इच्छा से प्रेरित होकर इसी तरह के सोच समाचार प्रसारित कर रहे हैं।

सुरेश : वास्तव में, उद्येश्य पूर्ण समाचार प्रसारित करना निंदनीय है। अच्छा, आज हमारे समाज का अधोपतन हो रहा है। क्या जन-संचार माध्यम उस का सुधार नहीं कर सकते?

महताब : जरूर, जरूर। जन-संचार माध्यम समाज को जरूर बदल सकेंगे। इसीलिए पत्रकारों का महत्वपूर्ण दायित्व रहा है। समाज में हो रहे अन्याय, अत्याचार, कुसंस्कार और शोषण के विरोध में पत्रकारों की कलम को हर समय (सचेत) जागृत रखना पड़ेगा। इसीलिए कहा जाता है कि तलवार की अपेक्षा लेखनी का बल अधिक होता है। (असि की अपेक्षा मसि बलवान)

ଗଣ-ମାଧ୍ୟମ ନିଶ୍ଚୟ୍
ବଦଳେଇ ପାରିବ। ଏଥିପାଇଁ
ସାମ୍ବାଦିକ ମାନଙ୍କର
ଗୁରୁଦାୟିତ୍ୱ ରହିଛି।
ସମାଜରେ ଘଟୁଥିବା ଅନ୍ୟାୟ୍,
ଅତ୍ୟାଚାର, କୁସଂସ୍କାର ଓ
ଶୋଷଣ ବିରୁଦ୍ଧରେ
ସାମ୍ବାଦିକର କଲମ ସର୍ବଦା
ଜାଗ୍ରତ ରଖିବାକୁ ହେବ।
ସେଥିପାଇଁ କୁହାଯାଏ କି,
ଅଶୀ ଠାରୁ ମସୀର ବଳ
ବେଶୀ।

ସୁରେଶ : କଳା, ସାହିତ୍ୟ ଓ ସଂସ୍କୃତିର
ବିକାଶ ପାଇଁ ଗଣ-ମାଧ୍ୟମର
ଭୂମିକା ବାବଦରେ ପଦେ
କୁହନ୍ତୁନା?

ମହତାବ : ବେତାର ଓ ଦୂରଦର୍ଶନ
ମାଧ୍ୟମରେ ସଂଗୀତ, ନୃତ୍ୟ,
ନାଟକ, ଚଳଚ୍ଚିତ୍ର, କଳା,
ସାହିତ୍ୟ ଓ ଲୋକ ସଂସ୍କୃତି
ଆଦିର ବହୁଳ ପ୍ରସାରଣ
ହେଉଛି। ସମ୍ବାଦପତ୍ର ଗୁଡ଼ିକର
'ସାପ୍ତାହିକ ବିଶେଷାଙ୍କ' ମଧ୍ୟ
ଅଛି। ଏଥିରେ କଳା,
ସାହିତ୍ୟ, ସଂସ୍କୃତି ଆଦି
ବିଷୟ୍‌ରେ ବହୁ ମୌଳିକ
ଲେଖା ଓ ଭାବ ଗର୍ଭକ
ପ୍ରବନ୍ଧ ପ୍ରକାଶିତ ହେଉଛି।
ଏହା ପାଠୁଆଙ୍କ ପାଇଁ ବହୁତ

सुरेश : कला, साहित्य और संस्कृति के विकास के लिए जन-संचार माध्यम की भूमिका के बारे में कुछ कहिए ना?

महताब : आकाशवाणी और दूरदर्शन के माध्यम से संगीत, नृत्य, नाटक, चलचित्र, कला, साहित्य और लोक संस्कृति आदि के बहुत कार्यक्रम प्रसारित हो रहे हैं। समाचार पत्रों के 'साप्ताहिक विशेषांक' भी हैं। इन में कला, साहित्य, संस्कृति आदि के विषयों पर मौलिक लेख और भावपूर्ण निबंध प्रकाशित हो रहे हैं। ये पढ़े-लिखे लोगों के लिए उपयोगी (सिद्ध) हैं। यह सब हमारी कला, साहित्य और संस्कृति (के लिए) जन-संचार माध्यम का देन है।

सुरेश : आपका अमूल्य समय मैं और अधिक नहीं लूँगा। यह मेरा अंतिम प्रश्न है। आधुनिक जीवन में जन-संचार माध्यम की अपरिहार्यता के बारे में आप की राय क्या है ?

महताब : जन-संचार माध्यम ने आज की दुनियाँ को छोटासा बना दिया है। क्षण भर में हम दुनियाँ के किसी भी प्रांत (भाग) की घटनाएँ जान सकते हैं। जन-संचार माध्यम ने आज सारे

ସହାୟକ ହେଉଛି । ଏହି ସବୁତ ଆମ କଳା, ସାହିତ୍ୟ ଓ ସଂସ୍କୃତିକୁ ଗଣ-ମାଧ୍ୟମର ଅବଦାନ ।

ସୁରେଶ : ଆପଣଙ୍କର ମୂଲ୍ୟବାନ ସମୟ ଆଉ ଅଧିକ ନେବିନାହିଁ । ଏଇ ମୋର ଶେଷ ପ୍ରଶ୍ନ । ଆଧୁନିକ ଜୀବନରେ ଗଣ-ମାଧ୍ୟମର ଅପରିହାର୍ଯ୍ୟତା ସଂପର୍କରେ ଆପଣଙ୍କ ରାୟ କ'ଣ?

ମହତାବ : ଗଣ-ମାଧ୍ୟମ ଆଜିର ବିଶ୍ୱକୁ ସଙ୍କୁଚିତ କରିଦେଇଛି । ମୁହୂର୍ତ୍ତକ ଭିତରେ ପୃଥିବୀର ଯେ କୌଣସି ପ୍ରାନ୍ତର ଘଟଣା ଆମେ ଜାଣି ପାରୁଛୁ, ଦେଖି ପାରୁଛୁ । ଗଣ- ମାଧ୍ୟମ ଆଜି ଏକତାର ବନ୍ଧନରେ ସମଗ୍ର ବିଶ୍ୱକୁ ବାନ୍ଧି ଦେଇଛି ।

ସୁରେଶ : ଆଜି ସନ୍ଧ୍ୟାରେ ଆପଣଙ୍କୁ ସାକ୍ଷାତ କରି ନିଜକୁ ଧନ୍ୟ ମନେ କରୁଛି । ଆପଣଙ୍କର ଏ ମହାନୁଭବତା ପାଇଁ ଅଶେଷ ଧନ୍ୟବାଦ ।

ମହତାବ : ହଉ, ମୁଁ ଯାଉଛି ସୁରେଶ । ପୁଣି ଦେଖାହେବ ।

ସୁରେଶ : ନାହିଁ ନାହିଁ, ଆପଣ ଆମ

विश्व को एकता के बंधन में बाँध दिया है।

सुरेश : आज शाम आपसे मुलाकात कर (के) मैं स्वयं को धन्य समझता हूँ। आप की इस महामनस्कता (बड़ापन) के लिए विशेष धन्यवाद।

महाताब : अच्छा, मैं जा रहा हूँ सुरेश। फिर मिलेंगे।

सुरेश : नहीं, नहीं। हमारे साथ आप भोजन करके ही जाएँगे। मैं अपनी गाड़ी में आपको छोड़ कर आऊँगा।

ସାଙ୍ଗରେ ଖାଇକରି ହିଁ
ଯିବେ । ମୁଁ ମୋ ଗାଡ଼ିରେ
ଆପଣଙ୍କୁ ଛାଡ଼ିଦେଇ ଆସିବି ।

शब्दार्थ

ओड़िआ शब्द	हिंदी अर्थ
ସାମ୍ବାଦିକ	पत्रकार
ସାକ୍ଷାତକାର	साक्षात्कार, भेंट, इन्टर्व्यू
ଚିଠି	खत
ଦେଖାଶୁଣା କଥା	देखी सुनी बात
ପରିବେଶଣ କରିବା	प्रसारित करना
ସମ୍ବାଦ ପତ୍ର	समाचार पत्र
ଗଣ-ମାଧ୍ୟମ	जन-संचार माध्यम
କ୍ଷମା କରିବେ	माफ् करना
ସ୍ୱାଧୀନତା	स्वतंत्रता
ନିରପେକ୍ଷ	निष्पक्ष
ମତାମତ	अभिमत, राय
ଭୟ୍	डर
ଉଭୟ୍	दोनों
ନିଶ୍ଚୟ୍	निश्चय
ବିଭ୍ରାନ୍ତିକର	भ्रांतिपूर्ण
ପକ୍ଷପାତ	पक्षपात
ସମ୍ବାଦ	समाचार
କାମଳ ସାମ୍ବାଦିକତା	पांडुर (पीली) पत्रकारिता (स्वार्थपूर्ण पत्रकारिता)
ସ୍ୱାର୍ଥପର	स्वार्थपूर्ण
ଉଦ୍ଦେଶ୍ୟମୂଳକ	उद्देश्य पूर्ण

ବାସ୍ତବିକ	**वास्तविक**
ସୁଧାରି ପାରିବା	**सुधार करना**
ଗୁରୁ ଦାୟିତ୍ୱ	**महत्वपूर्ण दायित्व**
ସଂକୁଚିତ	**संकोचन**
ଅଶୀ	**तलवार**
ମସୀ	**स्याही**
ବିଶେଷାଙ୍କ	**विशेषांक**
ଭାବଗର୍ଭକ	**भावपूर्ण**
ପ୍ରବନ୍ଧ	**निबंध**
ଅପରିହାର୍ଯ୍ୟତା	**अपरिहार्यता**
ମୂଲ୍ୟବାନ ସମୟ	**मूल्यवान समय**
ମୁହୂର୍ତ୍ତକ ଭିତରେ	**क्षण भर में**
ଯେକୌଣସି ପ୍ରାନ୍ତ	**हर भाग**
ବାନ୍ଧିଦେବା	**बांधना**
ଅଶେଷ	**विशेष**

अभ्यास

I. 1) **नीचे दिए गए वाक्य दोहराइए।**

1. ସାକ୍ଷାତକାର ନେବା ଗୋଟିଏ ମୁଖ୍ୟ କାମ।
2. ସାମ୍ବାଦିକମାନଙ୍କର ସାକ୍ଷାତକାର ନେବା ଗୋଟାଏ ମୁଖ୍ୟ କାମ।
3. ଚାଲି ଚାଲି ଯିବାକୁ ହେବ।
4. କି ସାକ୍ଷାତକାର ନେବ ?
5. ଜଣେ ସାମ୍ବାଦିକଙ୍କଠୁଁ କି ସାକ୍ଷାତକାର ନେବ ?
6. ପଦେ କୁହନ୍ତୁ ନା ?
7. ଗଣ-ମାଧ୍ୟମର ଅବଦାନ ବାବଦରେ ପଦେ କୁହନ୍ତୁନା ?

2)

1. ମୁଁ ରାଜନୈତିକ ନେତା ନୁହେଁ କି କବି, କଳାକାର ନୁହେଁ।

2. କିନ୍ତୁ ଏଥିପାଇଁ ତ ସାମ୍ବାଦିକଙ୍କର ଅନେକ ଗୁରୁଦାୟିତ୍ୱ ରହିଛି ।
3. ମହତାବ ବାବୁଙ୍କର ଡ଼େରି ହେଲା କାହିଁକି ?
4. ଶୋଇକି ଆସୁଆସୁ ମହତାବ ବାବୁଙ୍କର ଡ଼େରି ହେଲା ।
5. ଗଣ-ମାଧ୍ୟମର ସ୍ୱାଧୀନତା କାହିଁକି ଦରକାର ?
6. ନିରପେକ୍ଷ ମତାମତ ପ୍ରକାଶ ପାଇଁ ଗଣ-ମାଧ୍ୟମର ସ୍ୱାଧୀନତା ଦରକାର ।
7. କାମଳ ସାମ୍ବାଦିକତା କାହାକୁ କହନ୍ତି ?
8. ବିଭ୍ରାନ୍ତିକର ଓ ପକ୍ଷପାତପୂର୍ଣ୍ଣ ସମ୍ବାଦ ପରିବେଷଣକୁ 'କାମଳ ସାମ୍ବାଦିକତା' କହନ୍ତି ।

II. କୋଷ୍ଠକ ମେଁ ଦିଏ ଗଏ ଶବ୍ଦୋଁ କେ ଉପଯୁକ୍ତ ରୂପୋଁ କା ପ୍ରୟୋଗ କର ବାକ୍ୟ ପୂରେ କୀଜିଏ ।

1. ଶୋଇକି _____ ଟିକେ ଡ଼େରି ହୋଇଗଲା । (ଉଠିବା)
2. ଆପଣ କ'ଣ ନିରପେକ୍ଷ ମତାମତ ପ୍ରକାଶ _____ ? (କରିପାରିବା)
3. ସମାଜକୁ ଗଣ-ମାଧ୍ୟମ ନିଶ୍ଚୟ ବାଟକୁ _____ । (ଆଣି ପାରିବ)
4. ଏଥିରେ ଭାବଗର୍ଭକ ଆଲୋଚନା ଓ ପ୍ରବନ୍ଧ _____ । (ପ୍ରକାଶିତ ହେବା)
5. ଆପଣ, ଆମ ସାଙ୍ଗରେ _____ ଯିବେ । (ଖାଇ)

III. କୋଷ୍ଠକ ମେଁ ଦିଏ ଗଏ ଶବ୍ଦୋଁ ମେଁ ସେ ଉପଯୁକ୍ତ ଶବ୍ଦୋଁ କା ପ୍ରୟୋଗ କର ବାକ୍ୟ ପୂରେ କୀଜିଏ ।

1. ସମ୍ବାଦ ପରିବେଷଣ ସହ ସାକ୍ଷାତକାର ନେବା _____ ଏକ ମୁଖ୍ୟ କାମ ।
   (ସାମ୍ବାଦିକ, ସାମ୍ବାଦିକମାନଙ୍କର)
2. ନିୟନ୍ତ୍ରଣାଧୀନ ଗଣ ମାଧ୍ୟମ _____ ନିରପେକ୍ଷ ମତାମତ ପ୍ରକାଶ କରିପାରିବ ?
   (କିଏ, କ'ଣ)
3. ଅନ୍ୟାୟ ବିରୁଦ୍ଧରେ କବିର କଲମ ସର୍ବଦା _____ ଦରକାର ।
   (ଶୋଇ ରହିବା, ଜାଗ୍ରତ ରହିବା)
4. ପୃଥିବୀର ଯେ କୌଣସି ପ୍ରାନ୍ତର ଘଟଣା ଦୂରଦର୍ଶନରେ ଆମେ _____ ।
   (ଦେଖୁଛନ୍ତି , ଦେଖିପାରିବା)
5. ଆଜି ଆପଣଙ୍କୁ _____ ନିଜକୁ ଧନ୍ୟ ମନେ କରୁଛି ।
   (ସାକ୍ଷାତ୍ କରି, ନକହି)

IV. କୋଷ୍ଠକ ମେଁ ଦିଏ ଗଏ ହିଂଦୀ ଶବ୍ଦୋଁ କେ ସମାନାର୍ଥକ ଓଡ଼ିଆ ଶବ୍ଦୋଁ କା ପ୍ରୟୋଗ କର ବାକ୍ୟ ପୂରେ କିଜିଏ ।

1. ଯୋଶୀ ବାବୁ, ଆଜିର _____ ପଢ଼ିଲେଣି ନା ? **(समाचार पत्र)**
2. କୁଲ୍‌ଦୀପ୍ ନାୟାର୍ ଜଣେ ଖ୍ୟାତନାମା _____। **(पत्रकार)**
3. ଆପଣ ଆଜି ସକାଳର _____ ଶୁଣିଲେଣି ନା ? **(समाचार)**
4. ସେ ____ ଆମ ଘରକୁ ଆସନ୍ତି। **(कभी-कभी)**
5. ତାଙ୍କ ସହ ମୋର _____ ହୋଇପାରିଲା ନାହିଁ। **(मुलाकात)**

V. नीचे दिए गए (क) तथा (ख) खंड़ों के वाक्यांशों का सही मिलान कर वाक्य बनाइए।

(क)	(ख)
ତମେ କହିଥିଲ ବୋଲିତ	ଆପଣଙ୍କ ମତାମତ କ'ଣ
ଆଜି ମୁଁ ଆପଣଙ୍କୁ	ଆସୁଥିବାର ମୁଁ ଦେଖିଛି
ଏ ସଂପର୍କରେ	ଆପଣଙ୍କୁ ଛାଡ଼ି ଦେଇ ଆସିବି
ସେ ଚାଲି ଚାଲି	ମୁଁ ଆସିଲି
ମୁଁ ମୋ ଗାଡ଼ିରେ	ସାକ୍ଷାତକାର ନେବାପାଇଁ ଡାକିଛି

VI. उदाहरण के अनुसार दिए गए वाक्यों को अलग अलग वाक्यों में खंडित किजिए।

उदाहरण:- କେତେକ ସାମ୍ବାଦିକ ସ୍ୱାର୍ଥ ଓ ନାମ କମେଇବା ଉଦ୍ଦେଶ୍ୟରେ ଏଭଳି ସମ୍ବାଦ ପରିବେଷଣ କରନ୍ତି।

1) କେତେକ ସାମ୍ବାଦିକ ସ୍ୱାର୍ଥ ଓ ନାମ କମାନ୍ତି।
2) ସେମାନେ ଉଦ୍ଦେଶ୍ୟ ରଖି ଏଭଳି ସମ୍ବାଦ ପରିବେଷଣ କରନ୍ତି।

1. ମୁଁ ରାଜନୈତିକ ନେତା ନୁହେଁ କି କବି କଳାକାର ନୁହେଁ।
2. ନିଯୁନ୍ତ୍ରଣ ରହିଲେ ଉପରକୁ ଭୟ ଓ ଉପରୁ ହସ୍ତକ୍ଷେପ ରହିବ।
3. ଗଣ ମାଧ୍ୟମ ବିଭ୍ରାନ୍ତିକର ଓ ପକ୍ଷପାତପୂର୍ଣ୍ଣ ସମ୍ବାଦ ପରିବେଷଣ କରୁଛି।
4. ଏଥିରେ ମୌଳିକ ଲେଖା ଓ ପ୍ରବନ୍ଧ ପ୍ରକାଶିତ ହେଉଛି।
5. ଆଜି ସନ୍ଧ୍ୟାରେ ଆପଣଙ୍କୁ ସାକ୍ଷାତ କରି ନିଜକୁ ଧନ୍ୟ ମନେ କରୁଛି।

पढ़िए और समझिए

ଐତିହ୍ୟର ଦର୍ଶନ
ऐतिह्यर दर्शन

ଇତିହାସର ଛାତ୍ରଭାବେ ରତ୍ନଗିରି, ଲଳିତଗିରି ଓ ଉଦୟଗିରିର ବୌଦ୍ଧ କୀର୍ତ୍ତି ସଂପର୍କରେ ଅନେକ ପଢ଼ିଛି । ଛାତ୍ରାବସ୍ଥାରେ ବି ଥରେ ଆସିଥିଲି । କିନ୍ତୁ ଭାରତ ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ଖନନ ହେବା ପରେ ରତ୍ନଗିରିକୁ ଆସିବା ମୋର ପ୍ରଥମ । ମନ ଆନନ୍ଦରେ ନାଚି ଉଠୁଥାଏ । ରାସ୍ତାର ଦୁଇ ପାଖରେ ଦିଗନ୍ତ ବିସ୍ତାରୀ ସବୁଜ ଧାନ କ୍ଷେତ । ସତେ ଯେମିତି ସବୁଜ ଶାଢ଼ୀ ପିନ୍ଧିଛି ପ୍ରକୃତି ରାଣୀ ।

ପାହାଡ଼ର ପାଦ ଦେଶରେ ଗାଡ଼ି ରଖିଲୁ । ପାହାଡ଼ ଉପରକୁ ଗୋଟିଏ ଚଲା ବାଟ ପଡ଼ିଛି । ଦଳେ ପୁଅ ଝିଅ ସେଇବାଟେ ଯାଉଥାଆନ୍ତି । ଉଠାଣି ହେଲେ ବି ସେଇବାଟେ ଆମର ପାହାଡ଼ ଚଢ଼ା ଆରମ୍ଭ ହେଲା । ଆମେ ଯାଇ ଶିଖରରେ ପହଞ୍ଚିଲୁ ।

ପ୍ରଥମେ ଦେଖିଲୁ ଇଟା ନିର୍ମିତ ଏକ ପ୍ରକାଣ୍ଡ ବୌଦ୍ଧ ସ୍ତୁପ । ଚାରି ପାଖରେ ଘେରି ରହିଛି ଅନେକ ଛୋଟ ଛୋଟ ସ୍ତୁପ । ଏହାର ଅନତିଦୂରରେ ଭଗ୍ନ ମହାବିହାରର ବିସ୍ତୀର୍ଣ୍ଣ ପ୍ରାଙ୍ଗଣ । ପ୍ରବେଶ ଦ୍ୱାରରେ ମୁଗୁନି ପଥରରେ ତିଆରି ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ଏକ ଦ୍ୱାରବନ୍ଧ । ପଥରର ପ୍ରଶସ୍ତ ଚଟାଣ, ବିରାଟକାଯ୍ୟ ବୁଦ୍ଧ ମୂର୍ତ୍ତି ଓ ବୁଦ୍ଧ ମସ୍ତକ, ବୌଦ୍ଧ କଳାର ବହୁ ଦେବ ଦେବୀ ମୂର୍ତ୍ତିରେ ବିହାରଟି ପରିପୂର୍ଣ୍ଣ । ବୌଦ୍ଧ ଯୁଗୀଯ୍ୟ କଳା ଓ ଭାସ୍କର୍ଯ୍ୟର ଏ ଅପୂର୍ବ ସମାହାର ଦେଖି ଆମେ ବିମୁଗ୍ଧ ହୋଇଗଲୁ । ତା' ପରେ ଗଲୁ ମ୍ୟୁଜିୟମ୍ ଦେଖିବା ପାଇଁ । ଏ ସମସ୍ତ ଦେଖିସାରି ଅପରାହ୍ନକୁ ବାହାରିଲୁ ଉଦୟଗିରି ।

ବିରୂପା ନଦୀ କୂଳରେ ପ୍ରକୃତିର ସୁରମ୍ୟ କୋଳରେ ଉଦୟଗିରି ବୌଦ୍ଧ ପୀଠ ଅବସ୍ଥିତ । ଏକ ବିରାଟ ସ୍ତୁପ ଓ ବିହାର ଖନନ ହୋଇ ଏଠାରେ ବାହାରିଛି । ଏ ସମସ୍ତ ସଙ୍ଗେ ସଙ୍ଗେ ପାହାଡ଼ କଟା ହୋଇ ଖୋଳା ଯାଇଥିବା ଏକ ବିରାଟ ଗଭୀର କୂପ ଏହାର ମୁଖ୍ୟ ଆକର୍ଷଣ ।

ଆଉ ଡ଼େରି ନକରି ଶୀଘ୍ର ଲଳିତଗିରି ଯିବାପାଇଁ ମିଶ୍ରବାବୁ ସୂଚେଇ ଦେଲେ । ଆମେ ଯାଇ ସେଠାରେ ପହଞ୍ଚୁ ପହଞ୍ଚୁ ଅପରାହ୍ନ ୪ଟା । ଅନେକ ଭଗ୍ନ ସ୍ତୁପ ଓ କାରୁକାର୍ଯ୍ୟ ବିମଣ୍ଡିତ ମୂର୍ତ୍ତିରେ ପରିପୂର୍ଣ୍ଣ ଲଳିତଗିରି ବିହାରର କଳା ସ୍ଥାପତ୍ୟ ଅନନ୍ୟ ସାଧାରଣ । ସବୁ ଗୋଟି ଗୋଟି ବୁଲି ଦେଖିଲୁ । ପାହାଡ଼ ତଳେ ପଥର ଶିଳ୍ପୀମାନେ ମୂର୍ତ୍ତି ତିଆରି କରୁଥିବାର ଦେଖିଲୁ । ମୂର୍ତ୍ତି ଗୁଡ଼ିକର ଗଢ଼ଣ ଅତି ସୁନ୍ଦର । ଲଳିତ ଗିରିର ପଥର ଶିଳ୍ପୀମାନେ ଏବେ ବି ଏଇ ଶିଳ୍ପ କଳାକୁ ବଞ୍ଚେଇ ରଖିଛନ୍ତି । ଏହା କମ୍ ଗୌରବର କଥା ନୁହେଁ ।

ଅତୀତର ଏଇ ତିନୋଟି ବୌଦ୍ଧ ବିହାରକୁ ନେଇ ଗଢ଼ି ଉଠିଥିଲା ନାଳନ୍ଦା ବିଶ୍ୱ ବିଦ୍ୟାଳୟର ସମସାମୟିକ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ। ବାହାରୁ ବହୁ ଛାତ୍ର ଛାତ୍ରୀ ଆସି ଏଠାରେ ଅଧ୍ୟୟନ କରୁଥିଲେ। ଚୀନ୍ ପରିବ୍ରାଜକ ହୁ-ଏନ୍-ସାଂ ତାଙ୍କ ଭ୍ରମଣ କାହାଣୀରେ ଏଇ 'ପୁଷ୍ପଗିରି' ବିଶ୍ୱବିଦ୍ୟାଳୟ କଥା ମଧ୍ୟ ଉଲ୍ଲେଖ କରିଛନ୍ତି। ଆଜି କର୍ପୂର ଉଡ଼ିଯାଇ କନା ଖାଲି ପଡ଼ି ରହିଛି।

ପଶ୍ଚିମ ଆକାଶରେ ସୂର୍ଯ୍ୟ ଅସ୍ତପ୍ରାୟ। ଆମେ କ୍ଲାନ୍ତ ହୋଇ ଯାଇଥାଉ। ଏବେ ଘର ଲେଉଟାଣି ବେଳ। ଅତୀତ ଉତ୍କଳର ଶିକ୍ଷା, ସଂସ୍କୃତି, କଳା ଓ ଭାସ୍କର୍ଯ୍ୟର ଅସ୍ତମିତ ସୂର୍ଯ୍ୟକୁ ପଛରେ ଛାଡ଼ି ଆମେ ଚାଲିଲୁ ଆଗକୁ ଆଗକୁ।

शब्दार्थ

ओड़िआ शब्द	हिंदी अर्थ
ଅସ୍ତ	अस्त
ଥରେ	एक बार
ପ୍ରତ୍ନ ତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା	पुरातात्विक सर्वेक्षण-संस्था (पुरातत्व सर्वेक्षण विभाग)
ଖନନ	खनन, खोदन
ଦିଗନ୍ତ ବିସ୍ତାରୀ	दिगंत के विस्तार तक (क्षितिज पर्यंत)
ସବୁଜ	हरा
ପିନ୍ଧିବା	पहनना
ଦଳ	वर्ग, समूह
ପ୍ରକାଣ୍ଡ	बहुत बड़ा
ସ୍ତୁପ	स्तूप
ମୁଗୁନି ପଥର	काला पत्थर
ସୂକ୍ଷ୍ମ	सूक्ष्म
କାରୁକାର୍ଯ୍ୟ ମଣ୍ଡିତ	कला-मंडित
ଦ୍ୱାର ବନ୍ଧ	(दरवाज़े की) चौखट
ଭାସ୍କର୍ଯ୍ୟ	मूर्तिकला, शिल्प
ଅପୂର୍ବ ସମାହାର	अपूर्व समाहार

ବିମୁଗ୍ଧ	**मुग्ध**
ସୁରମ୍ୟ	**सुरम्य, सुंदर**
କଟା ହେବା	**काटना**
ତିଆରି	**निर्माण**
ଗଭୀର କୂପ	**गहरा कुआँ**
ସ୍ଥାପତ୍ୟ	**स्थापत्य**
ଅନନ୍ୟ ସାଧାରଣ	**अनन्य साधारण/असामान्य, असाधारण**
ଗୋଟିଗୋଟି	**एक एक**
ଗଢ଼ଣ	**गठन**
ବଞ୍ଚେଇ ରଖିବା	**जोवित रखना, बचाकर रखना**
ସମସାମୟିକ	**समसामयिक**
ପରିବ୍ରାଜକ	**परिव्राजक यात्री,**
ଆକାଶ	**आसमान, आकाश**
ଅସ୍ତପ୍ରାୟ	**अस्तप्राय, डूबता हुआ**
କ୍ଲାନ୍ତ	**थका हुआ**
ଲେଉଟାଣି	**लौटते हुए**
ଅସ୍ତମିତ ସୂର୍ଯ୍ୟ	**सूर्यास्त**
ଉତ୍କଳ	**'उत्कल' (ओड़िशा का और एक नाम)**

अभ्यास

I. अनुच्छेद के अनुसार नीचे दिए गए प्रश्नों के उत्तर लिखिए।

1. ପ୍ରଥମେ ସେମାନେ କେଉଁ ସ୍ଥାନକୁ ବୁଲିବାକୁ ଗଲେ ?
2. ରତ୍ନଗିରିର ଖନନ କାର୍ଯ୍ୟ କିଏ କରିଛନ୍ତି ।
3. ସେମାନେ କେଉଁ ବାଟରେ ପାହାଡ଼ ଉପରକୁ ଚଢ଼ିଲେ ?
4. ରତ୍ନଗିରି ବିହାରର ଦ୍ୱାର ବନ୍ଧଟି କି ପଥରରେ ତିଆରି ହୋଇଛି ?
5. କେଉଁ ନଦୀ କୂଳରେ ଉଦୟଗିରି ଅବସ୍ଥିତ ?
6. କାହାର କଳା ସ୍ଥାପତ୍ୟ ଅନନ୍ୟ ସାଧାରଣ ?

7. କେଉଁମାନେ ଏଇ ଶିଳ୍ପ କଳାକୁ ଏବେବି ବଞ୍ଚେଇ ରଖିଛନ୍ତି ?

8. ନାଳନ୍ଦା ବିଶ୍ୱବିଦ୍ୟାଳୟର ସମସାମୟିକ ବିଶ୍ୱବିଦ୍ୟାଳୟ କିଏ ?

II. नीचे दिए गए कथनों को उसी क्रम में क्रमबद्ध कीजिए जिस क्रम में उन का वर्णन अनुच्छेद में किया गया है।

1. ମନ ଆନନ୍ଦରେ ନାଚି ଉଠୁଥାଏ।

2. ପ୍ରକୃତିର ସୁରମ୍ୟ କୋଳରେ ଉଦୟଗିରି ବୌଦ୍ଧ ପୀଠ ଅବସ୍ଥିତ।

3. ପାହାଡ଼ ଉପରକୁ ଗୋଟିଏ ଚଲା ବାଟ ପଡ଼ିଛି।

4. ଆଜି କର୍ପୂର ଉଡ଼ିଯାଇ କନା ଖାଲି ପଡ଼ି ରହିଛି।

5. ଆଉ ଡେରି ନକରି ଶିଘ୍ର ଲଳିତଗିରି ଯିବା ପାଇଁ ମିଶ୍ରବାବୁ ସୂଚାଇ ଦେଲେ।

6. ମୂର୍ତ୍ତି ଗୁଡ଼ିକର ଗଢ଼ଣ ବଡ଼ ସୁନ୍ଦର।

7. ପଶ୍ଚିମ ଆକାଶରେ ସୂର୍ଯ୍ୟ ଅସ୍ତ ପ୍ରାୟ୍।

III. हिंदी में अनुवाद कीजिए।

ସାଧାରଣତଃ ଗଣ-ମାଧ୍ୟମ କହିଲେ ମୁଦ୍ରଣ ମାଧ୍ୟମ (ପ୍ରିଣ୍ଟ ମିଡ଼ିଆ), ଟେଲିଭିଜନ, ରେଡ଼ିଓ, ଇଣ୍ଟରନେଟ୍, କମ୍ପ୍ୟୁଟର ଆଦିକୁ ବୁଝାଏ। ଓଡ଼ିଆରେ ଦୈନିକ ଖବରକାଗଜ ସାଙ୍ଗକୁ ସାପ୍ତାହିକ, ପାକ୍ଷିକ, ମାସିକ, ତ୍ରୈମାସିକ କିମ୍ବା ବାର୍ଷିକ ପତ୍ର ପତ୍ରିକା କେବଳ ମନୋରଞ୍ଜନ ପାଇଁ ନୁହେଁ ବରଂ ସଂସ୍କୃତିର ବିଭିନ୍ନ ଦିଗ ସହିତ ସାଧାରଣ ଲୋକଙ୍କୁ ପରିଚିତ କରେଇବା ପାଇଁ ଏକ ବଳିଷ୍ଠ ମାଧ୍ୟମ ଅଟେ। ଭାରତରେ ଅନେକଙ୍କର ଧାରଣା ଯେ, ଇଂରାଜୀ ଭାରତର ପ୍ରମୁଖ ଭାଷା। ଏହା ସତ ନୁହେଁ। ଭାରତର ୨ ରୁ ୪ ପ୍ରତିଶତ ଲୋକ କୌଣସି ନା କୌଣସି ପ୍ରକାରରେ ଇଂରାଜୀ ସହିତ ପରିଚିତ। ଭାରତରେ ଇଂରାଜୀ ପ୍ରକାଶନ ଭାରତୀୟ୍ ପ୍ରକାଶନର ମାତ୍ର ୨୦ ଭାଗ। ଇଂରାଜୀ ଏକ ନିର୍ବାଚିତ ଗୋଷ୍ଠୀର ଭାଷା।

ଆଉ ମଧ୍ୟ ଟେଲିଭିଜନ୍ ଏକ ବଳିଷ୍ଠ ମାଧ୍ୟମ। ଆଜିକାଲି ଟେଲିଭିଜନ୍ ଦ୍ୱାରା ଯେତିକି ଉପକାର ହୋଇଥାଏ ସେତିକି ଅପକାର ହୋଇଥାଏ। ଗାନ୍ଧୀ ଓ ରବିନ୍ଦ୍ରନାଥଙ୍କ ସମ୍ପାଦକ କହିଥିଲେ ଯେ, ଟେଲିଭିଜନ ଖୋଲିଲେ ଆପଣା ଶୋଇବା ଘରେ ଫେରିବାଲାକୁ ଦେଖିବାକୁ ମିଳିବ। ଏହା ହେଉଛି ଆଧିନିକ କାଳର ବ୍ୟବସାୟୀକରଣ ଉପରେ ଆକ୍ଷେପ।

ରେଡ଼ିଓର ବିସ୍ତାର ଟେଲିଭିଜନ୍ ଅପେକ୍ଷା ଅଧିକ। ଗାଁ ଗହଳିଠାରୁ ଆରମ୍ଭ କରି ସହରପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ପାଖରେ ରେଡ଼ିଓ ଥାଏ। ଶୁଣିବାବାଲାଙ୍କର ରେଡ଼ିଓ ଅଧିକ

ପ୍ରୟୋଜନ ଓ ପ୍ରିୟ। ଏହା ନିଃସନ୍ଦେହରେ ଏକ ବଳିଷ୍ଠ ମାଧ୍ୟମ। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ, ଏହାର ଆଦର ଧୀରେ ଧୀରେ କମି ଆସିଲାଣି। କାରଣ ଆଜିକାଲି ଇଣ୍ଟରନେଟର ଯୁଗ। ଏହା କମ୍ ସମୟ ଭିତରେ ଏବଂ କମ୍ ଖର୍ଚ୍ଚରେ ସମସ୍ତଙ୍କ ପାଖରେ ପହଞ୍ଚି ପାରେ। ଏହା ସମଗ୍ର ବିଶ୍ୱକୁ ଖୁବ୍ ଅଳ୍ପ ସମୟ ମଧ୍ୟରେ ଯୋଡ଼ିପାରୁଛି। ପୃଥିବୀରେ ୫୦୦୦ ରୁ ୬୦୦୦ ପର୍ଯ୍ୟନ୍ତ ଭାଷା ଅଛି। ଏହି ଭାଷାଗୁଡ଼ିକ ଭିନ୍ନ ଭିନ୍ନ ସଂସ୍କୃତିର ପରିଚୟ ବହନ କରନ୍ତି। ଗୋଟିଏ ଭାଷାରେ ବହୁଭାଷିକ ପୃଥିବୀକୁ ଧରିବା ଯେପରି ଅସମ୍ଭବ ବହୁଭାଷିକ ଭାରତକୁ ଧରିବା ମଧ୍ୟ ସେହିପରି ଅସମ୍ଭବ। ବିଭିନ୍ନ ଭାଷା ଜରିଆରେ ଭିନ୍ନ ଭିନ୍ନ ଗୋଷ୍ଠୀ ସହ ସମ୍ପର୍କ ବଜାୟ ରଖିବା ଗଣ-ମାଧ୍ୟମ ପାଇଁ ଏକ ଆହ୍ୱାନ।

IV. **ओड़िआ में अनुवाद कीजिए।**

महात्मा गांधी भारतीय स्वतंत्रता संग्राम के अनिषेध्य नेता थे। वे अहिंसा के पुजारी थे लेकिन वे अहिंसा को दुर्बल व्यक्ति के लिए प्रतिरोध न करने का बहाना नहीं मानते थे। स्वतंत्रता के दीवानों का एक दल ऐसा भी था जो अहिंसा का विरोधी था। उन का विश्वास था कि हँसते-हँसते फाँसी पर चढ़ेंगे लेकिन विदेशियों को मारेंगे। इस से वे डरेंगे और अपने देश से निकलेंगे। विदेशियों को बल से ही भारत से निकाल सकेंगे। देशभक्ति सारे भारत में फैल रही थी। नेता गण जेल जाकर अपना फर्ज़ पूरा कर रहे थे। बच्चे गली-गली घूम कर गाने गाते थे। इस आंदोलन से कोई नहीं बचा। १५ अगस्त १९४७ को हमें आज़ादी मिली। जब सारी दुनिया सो रही थी, भारत नये युग में प्रवेश कर रहा था। शहीदों के सपने पूरे होगए। जयहिंद।

V. **मोबैल फोन् की उपयोगिता के बारे में एक अनुच्छेद ओड़िआ में लिखिए।**

टिप्पणी

କର୍ପୂର ଉଡ଼ିଯାଇ କନା ଖାଲି ପଡ଼ି ରହିଛି :-

यह ओड़िआ का एक प्रसिद्ध मुहावरा है। इसका अर्थ, 'आभा चली गई केवल प्रतीक शेष है।'